## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଛାରଖାର



**କଣିହାଁ, ୧୭।୫(ଡି.ଏନ୍.ଏ.):** କଣିହାଁ ବ୍ଲକ ସମଲ ପଞ୍ଚାୟତ ଅନ୍ତର୍ଗତ ଚକ୍ରଶିଳା କଲୋନୀ ବସ୍ତିରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସୁନୀତା ରାଉତଙ୍କ ୩ ବଖରା ଛଣ ଛପର ଘର ଛାରଖାର ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ଅଧିକାରୀ ରୋହିତ ବେହେରାଙ୍କ କହିବା କଥା, ବିଳମ୍ବିତ ରାତି ପ୍ରାୟ ୩ଟା ୫୦ରେ ବସ୍ତିରେ ନିଆଁ ଲାଗିଯାଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ନିୟମ ଅନୁଯାୟୀ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ହାତବାନ୍ଧି ବସିଛନ୍ତି ବଇଣ୍ଡା ବ୍ୟବସାୟୀ

**ବଇଣ୍ଡା,୧୭।୫(ଡି.ଏନ.ଏ.)**



- ରାଜପଥ ପାଇଁ ୪ ବର୍ଷ ତଳେ ହୋଇଥିଲେ ଉଚ୍ଛେଦ
- ଆଗଉନି ରାସ୍ତା, ଓଭରବ୍ରିଜ୍ କି ଡ୍ରେନ୍ କାର୍ଯ୍ୟ
- ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୪ ବର୍ଷ ତଳେ ହୋଇଥିଲା ଉଚ୍ଛେଦ କାର୍ଯ୍ୟ। ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ବଇଣ୍ଡା ଛକରୁ ୩୦୦ ଉଠାଦୋକାନୀଙ୍କୁ ହଟାଇ ଦିଆଗଲା। ସରକାରୀ କାର୍ଯ୍ୟାଳୟ, ବିଶ୍ରାମାଗାରଠାରୁ ଆରମ୍ଭ କରି ବିଦ୍ୟାଳୟ ଯାଏ ଭାଙ୍ଗି ମାଟିରେ ମିଶାଇ ଦିଆଗଲା। ହେଲେ ଉଚ୍ଛେଦକୁ ଠିକ୍ ୪ ବର୍ଷ ପୂରଣ ହୋଇଥିଲେ ହେଁ ରାଜପଥ କାର୍ଯ୍ୟ ଆଗେଇପାରି ନାହିଁ। ଏପରି କି ଓଭରବ୍ରିଜ୍, ଡ୍ରେନ୍ ନିର୍ମାଣ କେବଳ ଗାତଖୋଳାରେ ଅଟକି ରହିଛି। ବାରମ୍ବାର ଜିଲା ପ୍ରଶାସନଠାରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରେ ବସିରହିଥିବା ବେଳେ ଅଞ୍ଚଳବାସୀ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

୨୦୧୮ ମେ' ୧୭ ଓ ୧୮ରେ ବଇଣ୍ଡାଠାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ବଇଣ୍ଡା ଛକରେ ଥିବା ଦୋକାନ, ଘର ଆଦିକୁ ଅତ୍ୟନ୍ତ ତରବରିଆ ଭାବେ ହଟାଇ ଦିଆଗଲା। ହେଲେ ଉଚ୍ଛେଦ ପାଇଁ ପ୍ରଶାସନ ଯେପରି ତତ୍ପରତା ଦେଖାଇଲା, ରାଜପଥ ନିର୍ମାଣ ସାରିବାକୁ ଠିକାସଂସ୍ଥାକୁ ସେପରି ତାଗିଦା କରିପାରୁ ନାହିଁ। ସେହିପରି ଡିସେମ୍ବର ୨୦୨୦ରେ ବଇଣ୍ଡାଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ଠିକା ସଂସ୍ଥା ପକ୍ଷରୁ ୩ଟି ବଡ଼ ଗର୍ତ୍ତ ଖୋଳାଯାଇଥିଲା। ୧୭ ମାସ ପରେ ଉକ୍ତ କାର୍ଯ୍ୟ ସେହିଠାରେ ଅଟକି ରହିଛି। ଖୋଳାଯାଇଥିବା ଗର୍ତ୍ତରେ ପଡ଼ି କେତେବେଳେ ବାଇକ୍ ଆରୋହୀ ତ ଆଉ କେବେ ଗୋରୁମାନେ କ୍ଷତାକ୍ତ ହେଉଛନ୍ତି। ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ସର୍ଭିସ ରୋଡ୍ ନିର୍ମାଣ କରାଯାଉଥିବାବେଳେ ମାତ୍ର ୨୦ ପ୍ରତିଶତ କାମ କରି ଠିକାସଂସ୍ଥା କାର୍ଯ୍ୟ ବନ୍ଦ କରିଦେଇଥିବା ଯୋଗୁ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ ହେଉଥିବା ଡ୍ରେନ୍ କାର୍ଯ୍ୟ ମାତ୍ର ୩୦ ପ୍ରତିଶତ ସରିଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହେଇ ନ ପାରି ଘର ଭିତରେ ପ୍ରବେଶ କରୁଛି। ଚନ୍ଦନ ପୋଖରୀରେ ବ୍ରିଜ ନିର୍ମାଣ କରାଯାଉ ନ ଥିବା ବେଳେ ନୁନୁକାପଶି ଅଞ୍ଚଳରୁ ଆସୁଥିବା ପାହାଡ଼ପାଣି ସହ ବର୍ଷା ଜଳ ଗଚ୍ଛିତ ହୋଇ ମାହେଶ୍ୱରୀ ମନ୍ଦିର ପରିସରକୁ ବୁଡ଼ାଇ ରଖୁଛି। ଶୀଘ୍ର କାମ ଶେଷ ସହ ୩ ଶହ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ବଇଣ୍ଡା-ଆଠମଲିକ ରୋଡ୍‌ରୁ ଉଚ୍ଛେଦ ହୋଇଥିବା ବିଶ୍ରାମାଗାର ନିର୍ମାଣ କରାଯାଉ ନାହିଁ। ଫଳରେ ଯାତ୍ରୀମାନେ ଖରାରେ ଠିଆ ହୋଇ ଗାଡ଼ିକୁ ଅପେକ୍ଷା କରୁଛନ୍ତି।

### ଶୀଘ୍ର ସମାଧାନ କରାଯିବ



"ଠିକାସଂସ୍ଥା ପକ୍ଷରୁ ୨ଦିନ ହେବ ଜାମୁନାଳିଠାରୁ କାମ ଆରମ୍ଭ କରାଯାଇଛି। ବଇଣ୍ଡା ଅଞ୍ଚଳରେ ମଧ୍ୟ ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ। ଡ୍ରେନ୍ କାର୍ଯ୍ୟ କିପରି ଶେଷ କରାଯାଇ ସମସ୍ୟାର ସମାଧାନ କରାଯିବ ତାହା ଉପରେ ପଦକ୍ଷେପ ନିଆଯିବ।

-ଗେଲିଡେବେରା ପଦ୍ମନାଭମ୍, ଠିକାସଂସ୍ଥା ପରିଚାଳକ

### ଉଠା ଦୋକାନୀଙ୍କୁ ଥଇଥାନ କରାଯାଉ



"ଠିକାସଂସ୍ଥା ପକ୍ଷରୁ ସର୍ଭିସ ରୋଡ୍ ନିର୍ମାଣ ପାଇଁ ମାଟି ପକାଇ ସମତଳ କରାଯାଇଥିବା ବେଳେ ଡ୍ରେନ୍ ନିର୍ମାଣ କରାଯାଉନାହିଁ। କିଛି ଅଞ୍ଚଳରେ ଅଳ୍ପ ନିର୍ମାଣ କାର୍ଯ୍ୟ ହୋଇଛି। ଆଗକୁ ବର୍ଷା ଆସୁଥିବାରୁ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ତୁରନ୍ତ ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ କରାଯାଉ। ଉଠାଦୋକାନୀଙ୍କୁ ଥଇଥାନ କରାଯାଉ।

-ପ୍ରବୀଣ କୁମାର ସାହୁ, ବଇଣ୍ଡା ବଜାର କମିଟି ସଭାପତି

### ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି



"ବଇଣ୍ଡାରେ ରାସ୍ତା କାର୍ଯ୍ୟ ବିଳମ୍ବ ଯୋଗୁ ବ୍ୟବସାୟରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାହକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବଇଣ୍ଡାର ବିକାଶ ମଧ୍ୟ ହୋଇପାରୁନାହିଁ। ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମବାସୀ ଅସୁବିଧା ଭୋଗ କରୁଛନ୍ତି।

-ଅଜିତ ପଟ୍ଟନାୟକ, କଦଳୀମୁଣ୍ଡା

### ଚନ୍ଦନଯାତ୍ରାରେ ସମସ୍ୟା ଉପୁଜିବ



"ଉଚ୍ଛେଦର ୪ବର୍ଷ ପରେ ମଧ୍ୟ କାର୍ଯ୍ୟ ଆଗଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବହୁ ଦୋକାନୀ ସେମାନଙ୍କ ଜୀବିକା ହରାଇ ଥିବାବେଳେ ସେମାନଙ୍କୁ ଥଇଥାନ କରାଯାଉନାହିଁ। ଆଗକୁ ଚନ୍ଦନ ଯାତ୍ରା ଥିବାବେଳେ ଖୋଳାଯାଇଥିବା ଗର୍ତ୍ତକୁ ନେଇ ଅଧିକ ଅସୁବିଧା ଉପୁଜିବ।

-ଜଳଧର ସାହୁ, ଉପସଭପତି, ବଇଣ୍ଡା

### ବର୍ଷା ପାଣି ନିଷ୍କାସନ ହୋଇପାରୁନି



"ଠିକାସଂସ୍ଥା ପକ୍ଷରୁ ଚନ୍ଦନ ପୋଖରୀରେ ମାଟି ପକାଯାଇ ସମତଳ କରାଯାଇଛି। ହେଲେ ବ୍ରିଜ ନିର୍ମାଣ କରାଯାଉନାହିଁ। ଏଥିଯୋଗୁ ନୁନୁକାପଶି ଅଞ୍ଚଳରୁ ଆସୁଥିବା ବର୍ଷା ପାଣି ନିଷ୍କାସନ ହେଇ ନ ପାରି ମନ୍ଦିର ପରିସରରେ ଜମା ହେଉଛି। ଏ ନେଇ ପଞ୍ଚାୟତ ପକ୍ଷରୁ ପ୍ରଶାସନକୁ ଅବଗତ କରାଯିବ।

-ଦୀପ୍ତିମୟୀ ସାହୁ, ନୁନୁକାପଶି ସରପଞ୍ଚ

### ଡେବେରାପାଲିରେ ଅଷ୍ଟପ୍ରହର ନାମଯଜ୍ଞ



**ମାଧପୁର, ୧୭।୫:** ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ଅନ୍ତର୍ଗତ ଡେବେରାପାଲି ଗ୍ରାମରେ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ମହାନଦୀରୁ କଳସରେ ଜଳଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ପୂଜକ ସୁଧାଂଶୁ ପଣ୍ଡା ଏବଂ ସନ୍ତୋଷ ମିଶ୍ର ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବାବେଳେ ରାଧେଶ୍ୟାମ ମିଶ୍ର ଏବଂ ସୁବାସିନୀ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୋଟ୍ ୧୮ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସୁଶୀଲ ମାଝି, ରସାନନ୍ଦ ମେଣ୍ଡୁଲି, ଶ୍ୟାମଘନ ସାହୁ, ସୁରଥ ଥାଟି, ବୈରାଗୀ କର୍ଣ୍ଣ, ପର୍ଶୁରାମ କର୍ଣ୍ଣ ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ।

# 'ସନ୍ଥକବିଙ୍କ ଲେଖା ମାନବବାଦର ବାର୍ତ୍ତାବହ'

### ମହିମାଗାଦିରେ ଭୀମ ଭୋଇ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୧୭।୫**



ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମହିମା ଧର୍ମର ନିଗୂଢ଼ ତତ୍ତ୍ୱକୁ ନିଜ ଲେଖା ମାଧ୍ୟମରେ ବିଶ୍ୱରେ ପରିଚିତ କରାଇଥିଲେ ସନ୍ଥକବି ଭୀମ ଭୋଇ। ଏଥିରେ ବହୁ ସଂସ୍କାରଧର୍ମୀ କଥା ରହିଛି। ମାନବବାଦର ବାର୍ତ୍ତା ପ୍ରତିଫଳିତ ହୋଇଛି। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଭୀମ ଭୋଇଙ୍କ ଦର୍ଶନତତ୍ତ୍ୱ ସର୍ବଦା ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି। ଏହାକୁ ଯୁବପିଢ଼ିଙ୍କ ସମେତ ସବୁବର୍ଗର ଲୋକ ହୃଦୟଙ୍ଗମ କରିବା ଉଚିତ। ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମାଗାଦିରେ କୌପୀନଧାରୀ ମହିମା ସମାଜ ପକ୍ଷରୁ ସନ୍ଥକବିଙ୍କ ୧୭୨ତମ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଏଭଳି ମତବ୍ୟକ୍ତ କରି ତାଙ୍କର ସ୍ମୃତିଚାରଣ କରିଛନ୍ତି।

ସଭାପତି ରଘୁନାଥ ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯାଇ ବିଶ୍ୱବାସୀଙ୍କ ମଙ୍ଗଳକାମନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ମହିମାଧର୍ମ ଗବେଷକ ଡ. ଉଦ୍ଧବ ନାୟକ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ, ଅନ୍ୟତମ ଗବେଷକ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ସରପଞ୍ଚ ଆରତୀ ନାୟକ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନାରା, ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, ମହିମାଭକ୍ତ ବୈକୁଣ୍ଠ ଦେହୁରୀ, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଭୀମ ଭୋଇଙ୍କ ସାହିତ୍ୟକୃତିକୁ ସ୍ମୃତି ରୋମନ୍ଥନ କରିଥିଲେ।

ଏହି ଅବସରରେ ଭୀମ ଭୋଇ ଓ ମହିମା ଧର୍ମ ସମ୍ପର୍କିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ଶେଖର ରାଉତଙ୍କ ସଂଯୋଜନାରେ କବୟିତ୍ରୀ ରଶ୍ମିତା ରାଉତ, କବି ନେତ୍ରାନନ୍ଦ ରାଉତ, ପ୍ରେମାନନ୍ଦ ରାଉତ, ବୈକୁଣ୍ଠ ବିହାରୀ ସ୍ୱାଇଁ, ପତିତପାବନ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ନୀରୋଦ ଚନ୍ଦ୍ର ସାମଲ, ଶଙ୍କର୍ଷଣ ଶତପଥୀ, ବାଇଧର ବାରିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରୂପମଞ୍ଜରୀ ପଟ୍ଟନାୟକ ଭୀମ ଭୋଇଙ୍କ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ସମ୍ପାଦକ ସୁଶାନ୍ତ ବାବା, ବରିଷ୍ଠ ସନ୍ନ୍ୟାସୀ କରୁଣାକର ବାବା, ଅଭୟ ବାବା, ଜ୍ଞାନୀ ବାବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦ ଘନଫୁଟ୍ ଶାଳକାଠ ଜବତ

**ପରଜଙ୍ଗ, ୧୭।୫(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ଅଧୀନ ମହାବିରୋଡ୍ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କୁମୁସୀ ପଞ୍ଚାୟତ ଅଁଳାକଟା ଗ୍ରାମର କୈଳାସ ବେହରାଙ୍କ ଘରୁ ମଙ୍ଗଳବାର ୨୦ ଘନଫୁଟ ଶାଳକାଠ, ଏକ ଗଛକଟା ମେଶିନ ଜବତ କରାଯାଇଛି। କୈଳାସଙ୍କ ଘରେ ବେଆଇନ ଭାବେ ମୂଲ୍ୟବାନ କାଠ ରଖାଯାଇଥିବା ସୂଚନା ମିଳିବା ପରେ ବନ ବିଭାଗ ଟିମ୍ ଚଢ଼ାଉ କରିଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୨୫,୦୦୦ ଟଙ୍କାରୁ ଅଧିକ ହେବ। ଏ ନେଇ ଡିହଡୋଳ ବନପାଳ ଅଜିତ୍ ଦଳେଇ କୁହନ୍ତି, କାଠ ଓ ଗଛକଟା ମେଶିନ ଜବତ କରାଯାଇଛି। ଚଢ଼ାଉ ବେଳେ ଅଭିଯୁକ୍ତ ଘରେ ନ ଥିଲେ। ତାଙ୍କ ନାମରେ ମାମଲା ରୁଜୁ ହେବ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ପୂର୍ବରୁ ଅଭିଯୁକ୍ତ କୈଳାସ ଗିରଫ ହୋଇଥିଲେ।



ଜବତ କାଠ ଏବଂ ଚଢ଼ାଉରେ ସାମିଲ ହୋଇଥିବା ବନ କର୍ମଚାରୀମାନେ।

# ଜିଲାପାଳଙ୍କ ମିଳିତ ଜନଶୁଣାଣି

### ୧୧୧ ଅଭିଯୋଗର ସମାଧାନ

**ଭୁବନ, ୧୭।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ବାଜି ରାଉତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨ବର୍ଷ ବ୍ୟବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଶତାଧିକ ହିତାଧିକାରୀ ଯୋଗଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଏଲ୍. ଦିବ୍ୟା ଭି.ଙ୍କ ଉପସ୍ଥିତିରେ ୧୩୯ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଏହିପରି ମୋଟ ୧୬୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୧୧ଟିର ତ୍ୱରିତ ସମାଧାନ କରାଯାଇଛି। ବିଶେଷ କରି ଆବାସ, ଭତ୍ତା ଯୋଜନାରେ ସାମିଲ ହେବା, ଜମିଜମା ବିବାଦ ଏବଂ ପୋଲିସ ସଂକ୍ରାନ୍ତ ଅଭିଯୋଗ ଅଧିକ ରହିଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମୀକ୍ଷା କରି ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ସିଡିଏମ୍‌ଓ ଡା.ଅଶୋକ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ବିଶ୍ୱାଳ, ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଶ କୁମାର ଅଗ୍ରୱାଲ, ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା ରାୟ, ଆର୍‌ଟିଓ ବସନ୍ତ ମାଝି, ଏସ୍‌ଡିପିଓ ରଞ୍ଜନ ଦେଓ, ତହସିଲଦାର ରୋଜାଲିନ୍ ବେହେରା, ବିଡିଓ ଆଶୀର୍ବାଦ ପରିଡ଼ା, ଜିଲା ବାଳିକା ଶିକ୍ଷା ସଂଯୋଜିକା ପ୍ରଦୀପ୍ତା ପ୍ରିୟଦର୍ଶିନୀ, ଜିଲା ପିଜିସିଏଲ୍ ଅଫିସର ଲଳିତ ମାଧବ ଚୌଧୁରୀଙ୍କ ସମେତ ସମସ୍ତ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗଗୁଡ଼ିକର ଶୁଣାଣି କରୁଛନ୍ତି।

# ଟ୍ରାକ୍‌କୁ ଫେରୁଛି ଭଲିବଲ୍

**ଢେଙ୍କାନାଳ ଅଫିସ,୧୭।୫**

- ଉତ୍ସାହୀ କ୍ରୀଡ଼ା ପ୍ରତିଭାଙ୍କୁ ସହଯୋଗ କରୁଛି ଟାଟାଷ୍ଟିଲ୍
- ୬୫୦ ଉଦୀୟମାନ ଖେଳାଳିଙ୍କୁ ଦିଆଯାଉଛି ପ୍ରଶିକ୍ଷଣ

ପ୍ରତିଭାବାନ୍ ଖେଳାଳିଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେବା, ସେମାନେ ଯେପରି ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଆଣିବେ ସେଥିଲାଗି ୨୦୧୯ରୁ ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆରମ୍ଭ ହୋଇଥିଲା ଉଦ୍ୟମ। କମ୍ପାନୀ ପକ୍ଷରୁ ନିୟୋଜିତ ପ୍ରଶିକ୍ଷକ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଉତ୍ସାହୀ ଖେଳାଳିଙ୍କୁ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇ ଦେବା ପରେ ଗ୍ରାମାଞ୍ଚଳରେ ଭଲିବଲକୁ ନେଇ ସୃଷ୍ଟି ହୋଇଛି କ୍ରେଜ୍। ଜାତୀୟସ୍ତରୀୟ ଭଲିବଲ୍ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ୧୫ ଗ୍ରାମର ୫୮୦ରୁ ଊର୍ଦ୍ଧ୍ୱ ପୁରୁଷ ଏବଂ ୭୦ ମହିଳା କ୍ରୀଡ଼ାବିତ୍‌ଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ଦକ୍ଷତା ବୃଦ୍ଧି କରାଯାଉଛି। ଜିଲାରେ ଭଲିବଲ୍ ଟ୍ରାକ୍‌କୁ ଫେରିଥିବାବେଳେ ଏହି ଲୋକପ୍ରିୟ ଖେଳକୁ ଆଗକୁ ନେବା ଲାଗି କମ୍ପାନୀ ପକ୍ଷରୁ କରାଯାଉଥିବା ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

କୋଚ୍ ଆଶୁତୋଷ ପାତ୍ରଙ୍କ କହିବା କଥା, କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେବା ଟାଟାଷ୍ଟିଲ୍‌ର ସୁଦୀର୍ଘ ପରମ୍ପରା ରହିଆସିଛି। କମ୍ପାନୀ ନିଜସ୍ୱ ଏକାଡେମୀ ମାଧ୍ୟମରେ ହକି, ଫୁଟ୍‌ବଲ, ତୀରନ୍ଦାଜ ଭଳି କ୍ରୀଡ଼ାବିତ୍‌ଙ୍କ ଦକ୍ଷତାର ବିକାଶ କରାଯାଉଛି। ହିନ୍ଦୋଳ ବ୍ଲକ ରଘୁନାଥପୁର ଗ୍ରାମର ଭଲିବଲ ଖେଳାଳି ଆକାଶ ପାତ୍ର ଏବଂ ଖଲିବେରେଣା ଗ୍ରାମର ସୁବ୍ରତ ବେହେରା ଓଡ଼ିଶା ଭଲିବଲ ଦଳ ପାଇଁ ମନୋନୀତ ହୋଇଛନ୍ତି। ମେ' ୧୦ରୁ ୧୫ ଯାଏ ମହାରାଷ୍ଟ୍ରର ଇସ୍‌ଲାମପୁରରେ ଆୟୋଜିତ ୨୪ତମ ଜାତୀୟ ଯୁବ ଭଲିବଲ ଚାମ୍ପିୟନଶିପ୍‌ରେ ଉଭୟେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଭାବାନ ଗ୍ରାମୀଣ ଯୁବ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ଆଗକୁ ନେବା ଆହ୍ୱାନମୂଳକ ଥିଲା। ୨୦୧୯ରେ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯିବା ପରେ ଯୁବ କ୍ରୀଡ଼ାବିତ୍‌ମାନେ ଖେଳ ଏବଂ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ଖେଳାଳିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୋଚ୍ ଆଶୁତୋଷ କହିଛନ୍ତି। ରାଜ୍ୟ ଦଳରେ ସ୍ଥାନ ପାଇଥିବାରୁ ସୁବ୍ରତ କମ୍ପାନୀକୁ ଧନ୍ୟବାଦ ଜଣାଇଛନ୍ତି। କଠିନ ପରିଶ୍ରମ ଏବଂ କୋଚ୍‌ଙ୍କ ମାର୍ଗଦର୍ଶନରୁ ଏହି ସଫଳତା ମିଳିଛି। ଜାତୀୟସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ଚମତ୍କାର ଅନୁଭୂତି ଥିଲା ବୋଲି ସେ କହିଛନ୍ତି। ସେହିପରି କୋଚ୍ ଆଶୁତୋଷଙ୍କ ଦ୍ୱାରା ପ୍ରଶିକ୍ଷିତ ଖେଳାଳି ଆଶିଷ ଭୂତିଆ ମଧ୍ୟ ଜାତୀୟ ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଛାପ ଛାଡ଼ିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ମେ' ୧୬ରେ ଶେଷ ହୋଇଥିବା ଭୁବନେଶ୍ୱର ଜୋନ୍ ସପ୍ତାହାନ୍ତ ଭଲିବଲ କ୍ରୀଡ଼ା ପ୍ରତିଯୋଗିତାରେ ଟାଟାଷ୍ଟିଲ୍ ପ୍ରଶିକ୍ଷଣରେ ଖେଳୁଥିବା ୧୪ବର୍ଷରୁ କମ୍ ବାଳକ ଟିମ୍ ଚାମ୍ପିୟନ ହୋଇଥିଲା। ସେହିପରି ବହୁ ପ୍ରଶିକ୍ଷିତ ଖେଳାଳି ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ସାଉଁଟୁଛନ୍ତି।

୨୦୧୯ ଜୁନ୍‌ରୁ କମ୍ପାନୀ ନିକଟବର୍ତ୍ତୀ ମଙ୍ଗଳପୁର, ନୂଆହାଟ, ନୂଆଗାଁ, ଶିବପୁର, ପାଇକ ପୁରୁଣାକୋଟ ଏବଂ କୁସୁପଙ୍ଗା ଆଦି ପଞ୍ଚାୟତ ଅନ୍ତର୍ଗତ ୧୫ ଗ୍ରାମର ୬୫୦ ମହିଳାପୁରୁଷ ଖେଳାଳି ଟାଟାଷ୍ଟିଲ୍ ସହାୟତାରେ ପ୍ରଶିକ୍ଷଣ ନେଉଛନ୍ତି। କମ୍ପାନୀ ପକ୍ଷରୁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି କରାଯାଇଛି। କ୍ରୀଡ଼ା ଉପକରଣ ମଧ୍ୟ ପ୍ରଦାନ କରାଯାଉଛି। ଖେଳାଳିଙ୍କୁ ଜୁନିୟର, ସବ୍ ଜୁନିୟର ଓ ସିନିୟର ବର୍ଗରେ ବିଭକ୍ତ କରି ପ୍ରଶିକ୍ଷଣ ଦିଆଯାଉଛି। ଖଲିବେରେଣା ଏବଂ ମଙ୍ଗଳପୁର ଗ୍ରାମରେ ସୌର ଲାଇଟ୍ ବ୍ୟବସ୍ଥା ଥିବା ଭଲିବଲ୍ କୋର୍ଟରେ ସନ୍ଧ୍ୟାରେ କ୍ରୀଡ଼ା ଅଭ୍ୟାସ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।




ଟାଟାଷ୍ଟିଲ୍ ପକ୍ଷରୁ ପ୍ରଶିକ୍ଷଣ ନେଉଥିବା ଭଲିବଲ ଖେଳାଳିମାନେ।

## ସଂକ୍ଷେପରେ

### ତହସିଲ ପକ୍ଷରୁ ଚଢ଼ାଉ

**କଣିହାଁ/ପବିତ୍ରନଗର,୧୭।୫:** କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର କଣିହାଁ ତହସିଲ ଓ ଜିଲା ଏନଫୋର୍ସମେଣ୍ଟ ଟିମ୍ ତରଫରୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯାଇଛି। ଏଥିରେ ବ୍ରାହ୍ମଣୀ ନଦୀକୂଳରେ ଗଢିଉଠିଥିବା ଶିପୁର ରାଜସ୍ୱ ସର୍କଲର ସୁସୁବା ଗ୍ରାମରେ ୧୪ଟି, ପୁଡାଗଡ ଓ ଗଣ୍ଡମାଳା ଗ୍ରାମରେ ଗୋଟିଏ ଲେଖାଏ ବେଆଇନ ଉପର ଭାଟା ଇଟାଭାଟିକୁ ଭାଙ୍ଗି ଦିଆଯାଇଛି। ଏହି ଇଟାଭାଟିଗୁଡିକ ବେଆଇନ ଭାବେ ଚାଲିଥିବା ବେଳେ ପୂର୍ବରୁ ଏଥିପାଇଁ ଜରିମାନା କରାଯାଇଥିଲା। ଏହା ସତ୍ତ୍ୱେ ପୁଣି ଭାଟି ଗଢାଯିବା ଅଭିଯୋଗ ହେବାରୁ ବହୁ ବିଳମ୍ବରେ ତହସିଲ ତରଫରୁ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉ ବେଳେ ବାଲି ଚୋରା ଚାଲାଣ କରୁଥିବା ଏକ ହାଇୱା ଓ ଅନ୍ୟ ଗାଡି ଜବତ କରାଯାଇଥିଲା। କଣିହାଁ ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଲଦାର ପ୍ରଭାତ କୁମାର ବିଶ୍ୱାଳ ଓ ଜିଲା ଏନଫୋର୍ସମେଣ୍ଟ ଟିମ୍ ସାମିଲ ହୋଇଥିଲେ। ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୭।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନ୍ଧଗାଁ ଗ୍ରାମର ରୋହିତ ବେହେରାଙ୍କୁ ସେହି ଗ୍ରାମର ଗୁନି ବେହେରା, ପ୍ରମୋଦ କୁମାର ବେହେରା ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଉଭୟ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଏହାକୁ କେନ୍ଦ୍ରକରି ରୋହିତଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରଯାଇଛି। ପୋଲିସ ନମ୍ବର ୧୨୭/୨୨ରେ ଏକ ମାମଲା ରୁଜୁ କରିଛି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୧୭।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ତ୍ରିଧାରା ଢାବା ନିକଟରୁ କିଛି ମାସ ତଳେ ଏକ ଟ୍ରକ୍ ଲୁଟ କରି ଫେରାର ହୋଇଯାଇଥିବା ଅଭିଯୁକ୍ତ ସୁରେଶ ମାହୋତେଙ୍କୁ ଝାଡ଼ଖଣ୍ଡ ଅଞ୍ଚଳରୁ ସୋମବାର ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଗିରଫ କରିଛନ୍ତି। ପୋଲିସ କହିଛି, ଏକ ଟ୍ରକ ମାଲିକ ୧୧ ଲକ୍ଷ ଟଙ୍କା ନେଇ ଟ୍ରକ୍‌ରେ ଯାଉଥିବାବେଳେ ସୁରେଶ ସୁଯୋଗ ଦେଖି ଉକ୍ତ ଟଙ୍କା ଲୁଟ କରିନେଇ ତାଙ୍କ ରାଜ୍ୟକୁ ପଳାଇଯାଇଥିଲେ। ତାଙ୍କୁ ଗିରଫ କରିବା ପରେ ପୋଲିସ ନମ୍ବର ୨୪୭/୨୧ରେ କୋର୍ଟ ଚାଲାଣ କରିଛନ୍ତି।

### ନାବାଳିକା ନିଖୋଜ ଅଭିଯୋଗ

**ବଇଣ୍ଡା,୧୭।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକା ୧୪ ତାରିଖରୁ ନିଖୋଜ ରହିଥିବା ପରିବାର ପକ୍ଷରୁ ଥାନାରେ ମଙ୍ଗଳବାର ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୨୬/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ସମ୍ପୃକ୍ତା ନାବାଳିକା ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କୁ ନ ପାଇବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ସୀମାନ୍ତ ସେଣ୍ଟୋଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ବାଇକ୍ ପଛରେ ଆଉ ଏକ ବାଇକ୍ ପିଟିହେବା ଫଳରେ ଉଭୟ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଛେଣ୍ଡିପଦା ଥାନା ବାଲିପଟା ହଟିଆନାଳିର ପ୍ରତାପ ମାଝି ଓ ମନୁ ମାଝି ବାଇକ୍‌ରେ ଯାଉଥିବା ବେଳେ ଆଉ ଏକ ବାଇକ୍‌ରେ ତାଳଚେର ଫେରୁଥିବା ତାଳଚେର ବଳରାମ କଲୋନୀର ବଳରାମ ପ୍ରଧାନଙ୍କ ସହ ଧକ୍କା ହୋଇଥିଲା। ଫଳରେ ପ୍ରତାପ ଓ ବଳରାମ ଗୁରୁତର ହୋଇଥିଲେ। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରତାପ ଓ ବଳରାମଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କାଉନସିଲରଙ୍କ ଗୋ ସେବା କରୁଛନ୍ତି ସଫେଇ କର୍ମଚାରୀ

■ ଅନୁଗୋଳ ପୌର ପରିଷଦରେ ଅଜବ ନୀତି
■ ସହର ସଫେଇକୁ ଦିଆଯାଉନି ଗୁରୁତ୍ୱ
■ ବିପର୍ଯ୍ୟସ୍ତ ପରିମଳ ନେଇ ବଢ଼ୁଛି ଅସନ୍ତୋଷ

**ଅନୁଗୋଳ ଅଫିସ, ୧୭।୫**


ଜଣେ କାଉନସିଲରଙ୍କ ଗୋ ସେବା କରୁଛନ୍ତି ଠିକା ସଫେଇ କର୍ମଚାରୀ।

ଅନୁଗୋଳ ସହରର ସୌନ୍ଦର୍ଯ୍ୟକରଣ କରାଯାଇଛି। ଜିଲା ପ୍ରଶାସନ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ହେଲେ ସହରର ବର୍ଦ୍ଧିତ ସୌନ୍ଦର୍ଯ୍ୟକୁ ଫିକା ପକାଇ ଦେଉଛି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା। ନୂଆ ପୌର ପରିଷଦ ଗଠନ ପରେ ମଧ୍ୟ ସହର ସଫେଇରେ ପରିବର୍ତ୍ତନ ଆସୁନାହିଁ। ଦିନ ଦିନ ଧରି ଅଳିଆ ଉଠାଯାଉ ନାହିଁ। ରାସ୍ତା ପାର୍ଶ୍ୱ ଆବର୍ଜନା ଗଦାରେ ନିଆଁ ଲଗାଇ ସହରକୁ ବିଷାକ୍ତ ଧୂଆଁମୟ କରିଦିଆଯାଉଛି। ଏ ନେଇ ହେଉଥିବା ଆପତ୍ତି ଅଭିଯୋଗକୁ ଗୁରୁତ୍ୱ ଦେଇ ପରିମଳରେ ସୁଧାର ଆଣିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ କେତେଜଣ କାଉନସିଲରଙ୍କ ଘର କାମରେ ଠିକା ସଫେଇ କର୍ମଚାରୀଙ୍କୁ ଲଗାଇ ଦେଇଥିବା ଅଭିଯୋଗ ହେଉଛି। ଏପରି କି ଜଣେ ଠିକା ସଫେଇ କର୍ମଚାରୀ ଜନୈକ କାଉନସିଲରଙ୍କ ଗୋ ସେବା କରୁଥିବା ସହରବାସୀ ଦେଖିବାକୁ ପାଇଛନ୍ତି। ଘଟଣା ପଦାକୁ ଆସିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ପୌରାଞ୍ଚଳର ସଫେଇ ସମସ୍ୟାକୁ ନେଇ ଦୀର୍ଘବର୍ଷ ହେଲା ଅନୁଗୋଳ ପୌର ପରିଷଦ ଚର୍ଚ୍ଚାରେ ରହି ଆସିଛି। କେତେବେଳେ ଡମ୍ପିଂ ପାଇଁ ଜାଗା ଅଭାବକୁ ନେଇ ତ ଆଉ କେବେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସହରର ପରିମଳ ବ୍ୟବସ୍ଥା ବିଗିଡ଼ି ଯାଇଛି। ନୂଆ ପରିଷଦ ଗଠନ ପରେ ଉପରୋକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଅନୁଗୋଳ ସହରବାସୀଙ୍କୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ପୌର କର୍ତ୍ତୃପକ୍ଷ ଉକ୍ତ ପ୍ରତିଶ୍ରୁତି ପୂରଣ ଦିଗରେ ଆଗଭର ହେବା ପରିବର୍ତ୍ତେ କେତେଜଣ କାଉନସିଲରଙ୍କ ଘର ସଫେଇ, ଗୋ ସେବାକୁ ଗୁରୁତ୍ୱ ଦେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଠିକା ସଫେଇ କର୍ମଚାରୀ ଜଣକ ପ୍ରତିଦିନ ସେହି କାଉନସିଲରଙ୍କ ଘରେ ଝାଡୁ କରିବା ସହ ଗୋରୁଙ୍କୁ ଖାଦ୍ୟ ଦେଉଛନ୍ତି। ଖୁଣ୍ଟ ମୂଳରୁ ଗୋବର ଗୋଟାଇବା ଠାରୁ ଆରମ୍ଭ କରି କ୍ଷୀର ଦୁହିଁବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଛନ୍ତି। ସେହିପରି ଅନ୍ୟ କେତେଜଣ କାଉନସିଲର ଓ ପୌରାଧ୍ୟକ୍ଷଙ୍କ ଘର ଚାରିପଟ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିପାଇଁ ପ୍ରତ୍ୟେକ ଦିନ ୩ ଜଣ ଲେଖାଏ ସଫେଇ କର୍ମଚାରୀ ସେଠାରେ ଡ୍ୟୁଟି କରୁଥିବା କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଜିଲାପାଳ ପୌର ପ୍ରଶାସକ ଥିବାବେଳେ ପରିମଳ ବ୍ୟବସ୍ଥାରେ ବହୁ ସୁଧାର ଆସିଥିଲା। ସଫେଇ କର୍ମଚାରୀ ଓ ଠିକା ସଂସ୍ଥା ସହ ବାରମ୍ବାର ଆଲୋଚନା କରାଯାଇ ଆବର୍ଜନା ପରିଚାଳନାରେ ଥିବା ସମସ୍ୟାର ଅନେକାଂଶରେ ସମାଧାନ କରାଯାଇଥିଲା। ହେଲେ ପୌର ନିର୍ବାଚନ ପରେ ନୂଆ ଅଧ୍ୟକ୍ଷ ସହରର ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଦାୟିତ୍ୱ ନେବା ପରେ ସେ ପ୍ରଥମେ ସଫେଇ କର୍ମଚାରୀଙ୍କୁ ଗ୍ରୁପ୍‌ରେ ବିଭାଜିତ କରିଥିଲେ। ଏହାକୁ ନେଇ ପ୍ରଥମ କାଉନସିଲ ବୈଠକରେ ବିରୋଧ ହୋଇଥିଲା। ତଥାପି ତାହାକୁ କାର୍ଯ୍ୟକାରୀ କରାଯାଉଛି। ଫଳରେ ସହର ସଫେଇ ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି।

### ଘଟଣାର ଅନୁଧ୍ୟାନ କରାଯିବ



"ଠିକା ସଫେଇ କର୍ମଚାରୀ କେଉଁ କାଉନସିଲରଙ୍କ ଗୋ ସେବା କରୁଛନ୍ତି ତାହା ଜାଣିନାହିଁ। ଯଦି କେତେବେଳେ କେମିତି ଏପରି ହୋଇଥିବ, ତାହାର ଅନୁଧ୍ୟାନ କରାଯିବ। କାଉନସିଲରମାନଙ୍କ ଘର ଚାରିପଟ ସଫା ରଖିବାକୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବାରେ କିଛି ସମସ୍ୟା ନାହିଁ।

-ଅକ୍ଷୟ କୁମାର ସାମନ୍ତ, ପୌରାଧ୍ୟକ୍ଷ, ଅନୁଗୋଳ ପୌରପାଳିକା

### ପୁରୁଣା ଅଭ୍ୟାସ ଛାଡ଼ୁନାହାନ୍ତି



"ନୂଆ ପରିଷଦ ଗଠନ ପରେ ପୌରାଞ୍ଚଳବାସୀ ଅନେକ କିଛି ଆଶା ରଖିଥିଲେ। ପରିମଳ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଭାବିଥିଲେ। କିନ୍ତୁ କର୍ତ୍ତୃପକ୍ଷ ପୁରୁଣା ଅଭ୍ୟାସ ଛାଡ଼ିପାରୁ ନ ଥିବାରୁ ସଫେଇ କର୍ମଚାରୀଙ୍କୁ ନେଇ ଘର କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ।

-ପ୍ରମୋଦ କୁମାର ପ୍ରଧାନ, ପୌରାଞ୍ଚଳବାସୀ

### ପ୍ରଶାସନ ସଜାଡ଼ିଥିଲା, ପ୍ରତିନିଧି ବିଗାଡ଼ୁଛନ୍ତି



"ନିର୍ବାଚନ ପୂର୍ବରୁ ଜିଲା ପ୍ରଶାସନ ସହର ସଫେଇ କାର୍ଯ୍ୟ ଠିକ୍‌ଠାକ୍ ଚଳାଇଥିଲା। ତେବେ ନିର୍ବାଚିତ ପ୍ରତିନିଧିମାନେ ଆସିବା ପରେ ପୂର୍ବଭଳି ସଫେଇ ହେଉନାହିଁ। ଛୋଟିଆ ସହର ହୋଇଥିଲେ ମଧ୍ୟ ପରିମଳ ବ୍ୟବସ୍ଥା ନ ସଜାଡ଼ି ବିଭିନ୍ନ କାଉନସିଲରଙ୍କ ଘରେ ସଫେଇ କର୍ମଚାରୀଙ୍କୁ ଖଟାଯାଉଛି। କେବଳ ଗୋସେବା ନୁହେଁ, ଅନ୍ୟ ଗୃହପାଳିତ ପ୍ରାଣୀଙ୍କ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଉଛି।

-ଅଭୟ ରାୟ, ପୌରାଞ୍ଚଳବାସୀ

## ଜବରଦଖଲ ଉଚ୍ଛେଦ ଦାବି

**ଅନୁଗୋଳ ଅଫିସ,୧୭।୫**

ଜବରଦଖଲ ଉଚ୍ଛେଦ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ କୁମଣ୍ଡ ଗ୍ରାମବାସୀ ମଙ୍ଗଳବାର ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, କୁମଣ୍ଡ ଅଞ୍ଚଳରେ ଦୀର୍ଘବର୍ଷ ହେଲା ଅଜଣା ଲୋକମାନେ ଗାଣ୍ଡୁପଡିଆ, ପଶ୍ଚିମେଶ୍ୱର ମନ୍ଦିର ଓ ଗ୍ରିଡ୍ ପାଖ ପଡିଆକୁ ଜବରଦଖଲ କରି ରଖିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ବାଧହୋଇ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ୨୦୧୨ ମସିହାରେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲା ପ୍ରଶାସନ, ପୋଲିସ କିମ୍ବା ତହସିଲ ପକ୍ଷରୁ ଏଯାଏ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇନାହିଁ। ଏଣୁ ଅସନ୍ତୁଷ୍ଟ ଗ୍ରାମବାସୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେବା ଯାଏ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୬ ତାରିଖ ସୁଦ୍ଧା ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ ହେଲେ ମେ' ୨୭ରୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ମୁଖରେ ଧାରଣା ଦେବେ ବୋଲି ଗାଁ ସଭାପତି କର୍ଣ୍ଣ ସାହୁ, ସରପଞ୍ଚ ସନ୍ତୋଷିନୀ ଦେହୁରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୫୨ତମ ଅଷ୍ଟପ୍ରହର ନାମଯଜ୍ଞ



**ଆଠମଲ୍ଲିକ,୧୭।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମାଣ୍ଡିତ୍ରି ପଞ୍ଚାୟତର ମାଳିପଦର ଗ୍ରାମରେ ୫୨ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈଶାଖ ପୂର୍ଣ୍ଣମୀ ତିଥିରେ ଅନୁଷ୍ଠିତ ଅଷ୍ଟପ୍ରହରୀ ସହିତ ଦିନତମାମ ହୋମଯଜ୍ଞ କରାଯାଇଥିଲା। ରବିବାର ରୀତିନୀତି ଅନୁଯାୟୀ ଗ୍ରାମର ମହିଳାମାନଙ୍କ ଦ୍ୱାରା ମହାନଦୀରୁ କଳସ ଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରା ଯାଇଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଉପଦେଷ୍ଟା ବିରଥୀ ବଡ଼ମାଳୀ ଦାୟିତ୍ୱ ତୁଲାଇଥିବା ବେଳେ ଅନ୍ତର୍ଯ୍ୟାମୀ ବଡ଼ମାଳି ଓ ବିରଥୀ ବଡ଼ମାଳି କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ୨ ଦିନ ଧରି ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା। ସେହିପରି ସହରସ୍ଥିତ ରୁଗୁଡ଼ି ସାହିରେ ମଧ୍ୟ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୀଳମାଧବ ପ୍ରଧାନ, ସମ୍ପାଦକ ସବ୍ୟସାଚୀ ପ୍ରଧାନ ଦାଇତ୍ୱ ତୁଲାଇଥିଲ। ସମୁଦାୟ ୧୩ଟି ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ରୁଗୁଡ଼ି ସାହିର ସମସ୍ତ ଯୁବକ ସହଯୋଗ କରିଥିଲେ।

## ଗ୍ରାମ ପରିକ୍ରମା କଲେ ତ୍ରିନାଥ ଠାକୁର

**ବନ୍ତଳା,୧୭।୫(ଡି.ଏନ.ଏ.)**


ପୂଜା କାର୍ଯ୍ୟ ବେଳେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ ରଣେଶ୍ୱର ଷଣ୍ଢ ଛକରେ ସୋମବାର ୨୫ ତମ ବୈଶାଖ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସାହି ବାସିନ୍ଦାଙ୍କ ସହଯୋଗରେ ଉତ୍ସବକୁ ମହାଆଡ଼ମ୍ବରରେ ପାଳନ କରାଯାଇଥିଲା। ଅପରାହ୍ଣରେ ପୋକତୁଙ୍ଗା ମହିଳା ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ମଧ୍ୟରେ ତ୍ରିନାଥ ଠାକୁରଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ରାତିରେ ପାଟଣା ସାହି, ମଝି ପାଟଣା ସାହି, ଦେହୁରୀ ସାହି, ସାହୁ ସାହି, ବେହେରା ସାହି, ଢ଼ିପ ସାହି, ବନ୍ଧଫର ସାହି, ସୀତାରାମ ସଂକୀର୍ତ୍ତନ ମଣ୍ଡଳୀ ଓ ମଝିପଡା ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ନାମ ପ୍ରତିଯୋଗିତା କରାଯାଇଥିଲା। ଏଥିସହିତ ହୋମଯଜ୍ଞ କରାଯାଇଥିଲା। ପ୍ରଫୁଲ୍ଲ ଦେହୁରୀ କର୍ତ୍ତା ଭାବେ ବସିଥିବା ବେଳେ ଅଧିରାଜ ସାହୁ, ମାୟାଧର ଦେହୁରୀ, ଲମ୍ବୋଦର ଦେହୁରୀ ହୋମପୂଜା କରିଥିଲେ। ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ପୋକତୁଙ୍ଗା ସରପଞ୍ଚ ସୁଜିତ ମହାଳିକ, ସମିତି ସଭ୍ୟ ଆଦିକନ୍ଦ ବେହେରା, ପୂର୍ବତନ ସରପଞ୍ଚ ହେମନ୍ତ ମହାଳିକ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଓ ସମିତି ସଭ୍ୟ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ମଣ୍ଡପକୁ ଏକ ଇନଭଟର ପ୍ରଦାନ କରିଥିଲେ। ସାହି ସଭାପତି ପ୍ରଫୁଲ୍ଲ ଦେହୁରୀ, ସମ୍ପାଦକ ପ୍ରସନ୍ନ ପ୍ରଧାନ, କୋଷାଧ୍ୟକ୍ଷ ବସନ୍ତ ସାହୁଙ୍କ ସମେତ ସାହିର ୧୦୫ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ


ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ତାଳଚେର,୧୭।୫(ନି.ପ୍ର.)**

ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ନବ ମିଶ୍ର କଲୋନୀ ଗାୟତ୍ରୀ ଶକ୍ତି ପୀଠ ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରେ ଏହି ଯଜ୍ଞ ଆରମ୍ଭ ହୋଇଥିବା ବେଳେ ୧୬ ତାରିଖରେ ସମାପନ ହୋଇଥିଲା। ଏହି ଅବସରରେ ସାଧୁସନ୍ଥଙ୍କ ଦ୍ୱାରା ସପ୍ତାହ ବ୍ୟାପୀ ଭାଗବତ ପାଠ କରାଯାଇଥିଲା। ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା। ପୂର୍ଣ୍ଣାହୁତି ସନ୍ଧ୍ୟାରେ ଅନ୍ନପ୍ରସାଦ ବିତରଣର କରାଯାଇଥିଲା। କର୍ତ୍ତାଭାବେ ଅନୁଷ୍ଠାନର ସମ୍ପାଦକ ମନୋଜ ସାହୁ, କୋଷାଧ୍ୟକ୍ଷ ଗୋପାଳ ମୋଦି, ନିର୍ମଳ ଗିରି କାର୍ଯ୍ୟ ସମାପନ କରିଥିଲେ। ସଭାପତି ଅଶୋକ ବର୍ମା, ସଦସ୍ୟ ମହେନ୍ଦ୍ର କରଣ, ଅନନ୍ତ ଦାସ, ବେଦପ୍ରକାଶ ମୋଦି, ବିଦ୍ୟାଧର ସାହୁ, ସୁମନ୍ତ ଦାସ, ପ୍ରଦୀପ୍ତ ସ୍ୱାଇଁ, ଖଡ଼କ ବାହାଦୁର ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟ ସମାପନ ହୋଇଥିଲା।

## ଜଳ ଜୀବନ ମିଶନ ଉପରେ ଆଲୋଚନା

**ମାଧପୁର,୧୭।୫**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଆନୁକୂଲ୍ୟରେ ଜଳ ଜୀବନ ମିଶନକୁ ନେଇ ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର କୁନ୍ଦନାଳୀ ଗ୍ରାମ କୋଠଘର ନିକଟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୨୦୨୪ ସୁଦ୍ଧା ସମସ୍ତ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଏହାସହିତ ତଦାରଖ ପାଇଁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରାଯାଇଥିବା ଜଣାପଡିଛି। ଏଥିରେ ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତାଙ୍କ ସହିତ ଗ୍ରାମର ୱାର୍ଡ ସଭ୍ୟ ଏବଂ ବହୁ ପୁରୁଷ, ମହିଳା ସାମିଲ ହୋଇଥିଲେ।

## ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ଅର୍ମାନ

**ବଇଣ୍ଡା,୧୭।୫(ଡି.ଏନ.ଏ.)**




ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଅର୍ମାନ ଅନିମେଷ ଜେନା (୮) ୨୦୨୨ ମସିହାର ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଅର୍ମାନ ବର୍ଷର ଇଂଲିଶ ମାସଗୁଡିକର ସ୍ପେଲିଙ୍ଗ ବିପରୀତ ଭାବେ ୧୩ ସେକେଣ୍ଡରେ କହିପାରିବା, ଭାରତ ମାନଚିତ୍ରରେ ଥିବା ରାଜ୍ୟଗୁଡିକ ଅତି ସହଜରେ ଚିହ୍ନଟ କରିବା, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ନାମ ଅଳ୍ପ ସମୟରେ କହି ପାରିବା, ସାଧାରଣ ଜ୍ଞାନ ସମ୍ପର୍କିତ ୧୦୦ଟି ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବେ ଦେବା ଯୋଗୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନିତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ସୋମବାର ଅନ୍‌ଲାଇନ୍‌ରେ ହୋଇଥିବା ଗଣିତ ପରୀକ୍ଷାରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅର୍ମାନ ଡାକ୍ତର ଦୀନବନ୍ଧୁ ଜେନାଙ୍କ କନିଷ୍ଠ ନାତି ତଥା ବିଲେଇନାଳୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ଜେନା ଓ ସୌମିତ୍ରୀ ଜେନାଙ୍କ ଏକମାତ୍ର ପୁଅ।

## ପୂର୍ବତନ ବିଚାରପତିଙ୍କ ସ୍ମୃତିଚାରଣ

**ତାଳଚେର,୧୭।୫(ନି.ପ୍ର.)**

ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ବିୟୋଗରେ ତାଳଚେର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ସମ୍ମିଳନୀ କକ୍ଷରେ ଏହି ଶୋକ ସଭାରେ ସଂଘ ସଭାପତି ସନ୍ତୋଷ କୁମାର ସାହୁ, ତାଳଚେର କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ୍ ରବୀନ୍ଦ୍ର କୁମାର ଦାସ, ସବ୍‌ଜଜ୍ ବବିତା ଦାସ, ଅତିରିକ୍ତ ସବ୍‌ଜଜ୍ ସଂଧ୍ୟା ରଥ, ଏସ୍‌ଡିଜେଏମ୍ ଲୋକନାଥ ମିଶ୍ର, ଜେଏମ୍‌ଏଫ୍‌ସି ଅସିତ କୁମାର ସାହୁ ଓ ଓକିଲ ସଂଘ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ଦେବୀପ୍ରସାଦ ରଥ, ଯଦୁମଣି ସାହୁ, ହରେକୃଷ୍ଣ ପାତ୍ର, ପ୍ରଶାନ୍ତ କୁମାର ପ୍ରଧାନ, କୁମୁଦ ରଞ୍ଜନ ମିଶ୍ର, ପୂର୍ବତନ ସଭାପତି ଦୟା ସାଗର ମିଶ୍ର ଓ ଅନ୍ୟମାନେ ବିଚାରପତି ମିଶ୍ରଙ୍କ ଜୀବନଶୈଳୀ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରିଥିଲେ। ସଂଘ ସାଧାରଣ ସଂପାଦକ ଦୀନବନ୍ଧୁ ସାହୁ, ଉପସଭାପତି ମାନସ ରଞ୍ଜନ ଶତପଥୀ, ସହସଂପାଦକ ଚିନ୍ମୟ ରାୟ, କୋଷାଧ୍ୟକ୍ଷ କରୁଣାକର ନାୟକ, ସାଂସ୍କୃତିକ ସଂପାଦକ ରାଜେନ୍ଦ୍ର ସିଂ ଡିଗ୍ରୀ, ସେମିନାର ସଂପାଦକ ଲଳିତାମଣି ନାଏକ, ଅଡିଟର ବବିତା ଦାସ, ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ନିର୍ମଳ ତ୍ରିପାଠୀ, ନରେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଶୋକ ସଭାରେ ଉପସ୍ଥିତ ବିଚାରପତି ଓ ଓକିଲ ସଂଘ କର୍ମକର୍ତ୍ତାମାନେ।

## ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ତାଳଚେର,୧୭।୫(ନି.ପ୍ର.)**


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନସାଥୀ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଚିତ୍ତରଞ୍ଜନ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା.ଘନଶ୍ୟାମ ସାହୁ, ଡା. ସତ୍ୟରଞ୍ଜନ ରାଉତରାୟ ଓ ଜୀବନସାଥୀ ଫାଉଣ୍ଡେଶନ ସଭାପତି ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ରକ୍ତଭଣ୍ଡାର ପକ୍ଷରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାର ଅଧିକାରୀ ହରେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଡା.ଭାଗ୍ୟଲକ୍ଷ୍ମୀ ଷଡଙ୍ଗୀ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟେକ୍ନିସିଆନ ଅନୀଲ କୁମାର ବିଶ୍ୱାଳ, କାମାକ୍ଷାପ୍ରସାଦ ସାହୁ, ରାମେଶ୍ୱରୀ ମୁଖୀ, ସିପୁନ ବେହେରା, ପଦ୍ମନାଭ ପ୍ରଧାନ, ରମେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟ ସତ୍ୟରଞ୍ଜନ ପ୍ରଧାନ, ଡେଜିରାଣୀ ଜେନା, ଅବନୀ କୁମାର ମାଝିଙ୍କ ଜନ୍ମ ଦିନ ପାଳନ କରାଯାଇଥିଲା। ଫାଉଣ୍ଡେଶନ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, ଅବିନାଶ ପ୍ରଧାନ, ରିଙ୍କୁ ଭୁକ୍ତା, ସୌମ୍ୟରଞ୍ଜନ ପ୍ରଧାନ, କୃପାସିନ୍ଧୁ ବେହେରା, ମନୋଜ ମହାପାତ୍ର, ରୋଜାଲିନ୍ ପ୍ରଧାନ, ପଦ୍ମାଳୟା ସାମଲ, ରଞ୍ଜିତ ପ୍ରଧାନ, ସୁଶୀଲ ମାଝି, ବିଭୂତି ଭୁକ୍ତା, ଅବନୀ ମାଝି, ଶ୍ରବଣ ସାହୁ, ସାଗର ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.):** ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡା ଥାନା ତୁକୁଡା ଗ୍ରାମସ୍ଥିତ ଏକ ଢାବା ସମ୍ମୁଖରେ ସୋମବାର ରାତିରେ ଏକ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଅନୁଗୋଳ ଥାନା ମୃଷାପାପୁଲି ଗ୍ରାମର ଏକାଦୁଶିଆ ବେହେରା (୨୨)। ଆହତ ଯୁବକ ହେଲେ ଜରାସିଂହା ଗ୍ରାମର ସୁଶାନ୍ତ। ପ୍ରକାଶ ଯେ, ଦୁଇ ସମ୍ପର୍କୀୟ ଭାଇ ଏକ ବାଇକ୍‌ରେ କରା ଗ୍ରାମରେ ହେଉଥିବା ଚନ୍ଦନ ଯାତ୍ରା ଦେଖି ରାତିରେ ଫେରୁଥିଲେ। ଜାତୀୟ ରାଜପଥର କାର୍ଯ୍ୟ ଜାରି ରହିଥିବାବେଳେ ରାସ୍ତା ପାର୍ଶ୍ୱରେ ମାଟି ଗଦା ଉପରକୁ ମୋଟରସାଇକେଲ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଏକାଦୁଶିଆଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଜରପଡା ପୋଲିସ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହ ଜବତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଗଣ୍ଡଗୋଳ କରି ୨ ଗିରଫ

**ଅନୁଗୋଳ ଅଫିସ, ୧୭।୫:** ଅନୁଗୋଳ ସଦର ଥାନା ପ୍ରଗତି ନଗରରେ ସୋମବାର ଏକ ଗଣ୍ଡଗୋଳ ଘଟଣାରେ ଦୁଇ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଅନ୍ୟଜଣେ ଅଭିଯୁକ୍ତ ମେଡିକାଲରେ ଚିକିତ୍ସିତ ହେଉଥିବା ସଦର ଥାନା ଅଧିକାରୀ ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପପୁନ ନାଏକ ଓ ତାଙ୍କ ବାପା ଦୟାନିଧି ନାଏକ। ଚିକିତ୍ସାଧୀନ ଥିବା ଅଭିଯୁକ୍ତ ହେଲେ ଦୀପ୍ତି ରଞ୍ଜନ ନାଏକ। ପ୍ରକାଶ ଯେ, ସରକାରଙ୍କ ନିକଟରୁ ଲିଜ୍‌ରେ ଜାଗା ନେଇଥିବା ଭବାନୀ ଗୋଚ୍ଛାୟତଙ୍କ ଜାଗାରେ ଦୟାନିଧିଙ୍କ ପରିବାର ଜବର ଦଖଲରେ ରହୁଥିଲେ। ସେଠାରେ ରହୁଥିବା ମୀରାବାଈ ସେଠୀଙ୍କ ଜମିକୁ ମଧ ଜବରଦଖଲ କରୁଥିଲେ। ଏ ନେଇ ସଦର ଥାନାରେ ମୀରାବାଈ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ଅଭିଯୁକ୍ତ ସ୍ୱାମୀ ଗିରଫ

**କଣିହାଁ, ୧୭।୫ (ଡି.ଏନ.ଏ.):** ଅଧିକ ଯୌତୁକ ଦାବିରେ କଣିହାଁ ଥାନା ବଡଗୁଣ୍ଡୁରୀ ଗ୍ରାମର ଦୀପ୍ତି ନାୟକ (୨୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଘଟଣାରେ ତାଙ୍କ ସ୍ୱାମୀ ପ୍ରତାପ ସାହୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ବାପଘରୁ ୮୦ ହଜାର ଟଙ୍କା ନ ଆଣିବାରୁ ଦୀପ୍ତିଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ରବିବାର ରାତିରେ ମାରିଦେଇଥିବା ଦୀପ୍ତିଙ୍କ ଭାଇ ପଦ୍ମଚରଣ ନାୟକଙ୍କ ଅଭିଯୋଗ କରିଥିଲେ। ପୋଲିସ ଦୀପ୍ତିଙ୍କ ମୃତଦେହ ସୋମବାର ଶୌଚାଳୟ ଚଟାଣ ଉପରେ ପଡ଼ିଥିବା ଅବସ୍ଥାରେ ଜବତ କରିଥିଲା। ନଂ. ୨୪/୨୨ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ରାଜପଥ ମରାମତିରେ ଅବହେଳାକୁ ନିନ୍ଦା

## ୩୧ ତାରିଖରେ ଧର୍ମଘଟ ଚେତାବନୀ

**ଅନୁଗୋଳ ଅଫିସ,୧୭।୫**


ଜନସମାବେଶରେ ଉପସ୍ଥିତ ସାମାଜିକ କର୍ମୀ ଓ ଅନ୍ୟମାନେ।

ଅନୁଗୋଳ ସହରଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ପଞ୍ଚମହଲା (ଆର୍‌ଟିଓ ଅଫିସ) ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବା ଏବଂ ସମସ୍ତ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ ଦାବିରେ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ତୁରଙ୍ଗସ୍ଥିତ ଦୁର୍ଗାବିହାରଠାରେ ଏକ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଆଇନଜୀବୀ ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସମାବେଶରେ ବିଶିଷ୍ଟ ସାମାଜିକ କର୍ମୀ ତଥା ବାଜି ରାଉତ ଛାତ୍ରାବାସ ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଆଇନଜୀବୀ ରବୀନ୍ଦ୍ରପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ଓକିଲ ସଂଘ ପୂର୍ବତନ ସଭାପତି ଦିଲୀପ ଦାସ, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ରାଣୀଗୋଡା ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀ, ପରିବେଶବିତ୍ ପ୍ରସନ୍ନ ବେହେରା, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ଆଇନଜୀବୀ ପ୍ରଦୀପ୍ତ ପଣ୍ଡା, ରଜତରଞ୍ଜନ ଦାସ, ଗୋପାଳ ନାଥ, ପ୍ରଦୀପ କୁମାର ସାହୁ, କାଉନସିଲର ରଣଜିତ୍ ମାଣ୍ଡୋଠିଆ, ମାରୱାଡି ଯୁବମଞ୍ଚର ପୂର୍ବତନ ସର୍ବଭାରତୀୟ ସଭାପତି ଜିତେନ୍ଦ୍ର ଗୁପ୍ତା, ବ୍ରଜବନ୍ଧୁ ସାହୁ, ବଲବୀର ସିଂ, ପ୍ରସନ୍ନ କୁମାର ମିଶ୍ର, ସନ୍ଦିପ କୁମାର ମାଣ୍ଡୋଠିଆ, ଶ୍ରମିକନେତା ଜୟସେନ ମେହେର, ତାଳଚେର ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମଚରଣ ସାମଲ, ବିନୋଦ ଲାଲ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଛୋଟଗାଡି ମାଲିକସଂଘ ସଭାପତି ଅକ୍ଷୟ କୁମାର ନାଏକ, ପ୍ରବୋଧ କୁମାର ସ୍ୱାଇଁ, ରମେଶ ସାହୁ, ସୂର୍ଯ୍ୟ ନାଥ ପ୍ରମୁଖ ବକ୍ତବ୍ୟଦେଇ ମରଣଯନ୍ତା ପାଲଟିଥିବା ଜାତୀୟ ରାଜପଥର ନିର୍ମାଣରେ ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା, ଦାୟିତ୍ୱହୀନତାକୁ ତୀବ୍ର ନିନ୍ଦା କରିଥିଲେ। ଧର୍ମକୁ ଆଖିଠାର ନ୍ୟାୟରେ ରାସ୍ତା ମରାମତି ନାମରେ ଶିଳ୍ପର ବର୍ଜ୍ୟବସ୍ତୁ, ପାଉଁଶଗୁଣ୍ଡ ପକାଯାଇ ପ୍ରଦୂଷଣ ବୃଦ୍ଧି କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ବର୍ଷାଦିନ ପୂର୍ବରୁ ରାସ୍ତା ନିର୍ମାଣ ନ ହେଲେ ରାସ୍ତାରେ ଯିବାଆସିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜିଲାରୁ ସର୍ବାଧିକ ରାଜସ୍ୱ ପାଉଥିବାବେଳେ ଗମନାଗମନ ଭଳି ମୌଳିକ ସମସ୍ୟାର ସମାଧାନ ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହା ବିରୋଧରେ ଶକ୍ତିଶାଳୀ, ଦୀର୍ଘସ୍ଥାୟୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସମସ୍ତେ ଦୃଢ଼ ମତ ଦେଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାୟୀ ରାସ୍ତା ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥା କରିବା ଏବଂ ଅନୁଗୋଳ ଜିଲାର ସମସ୍ତ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ ଦାବିରେ ବୁଧବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ୧୦ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରା ନ ଗଲେ ମେ’ ୩୧ରେ ଜାତୀୟ ରାଜପଥରେ ଧର୍ମଘଟ ଆନ୍ଦୋଳନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଚାପ ଖେଳିଲେ ରାଧାକୃଷ୍ଣ

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ ବାଗଡିଆ ଓ ଖମାର ଗ୍ରାମରେ ଚନ୍ଦନ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ପ୍ରାୟ ଏକ ମାସ ହେବ ପ୍ରସ୍ତୁତି କରାଯାଇଥିଲା। ରୀତିନୀତି ଅନୁଯାୟୀ ଗ୍ରାମ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା ସହିତ ରାତିରେ ଗ୍ରାମ୍ୟ ଦେବୀ ଓ ରାଧାକୃଷ୍ଣଙ୍କ ପ୍ରତିମାକୁ ଏକ ବିରାଟ ପାଟପଟୁଆରରେ ସୁସଜ୍ଜିତ ରଥରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ମେଲଣ ପଡିଆକୁ ଅଣାଯାଇ ସେଠାରୁ ସୁସଜ୍ଜିତ ରଥରେ ପୋଖରୀ ଯାଏ ନିଆଯାଇ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଏହି ଚାପ ଖେଳ ଦେଖିବା ପାଇଁ ପୋଖରୀ ଚତୁଃପାର୍ଶ୍ୱରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ସମୟରେ ଆତାବାଜିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା କରାଯାଇଥିବା ହାତୀ, ଘୋଡା, ବାଘ, ହରିଣ ଆଦି ବିଭିନ୍ନ କଳାକୃତିକୁ ରଥରେ ଅଣାଯାଇ ଯାତ୍ରାପଡିଆରେ ରଖାଯାଇଥିଲା। ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବାଗଡିଆ ଓ ଖମାର ଗ୍ରାମବାସୀଙ୍କ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ବାଗଡିଆ ଗ୍ରାମ ସଭାପତି ବିଜୟ କୁମାର ପ୍ରଧାନ ଓ ଖମାର ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକ ଶୃଙ୍ଖଳା ରକ୍ଷା କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।


ପୋଖରୀରେ ଠାକୁରଙ୍କ ଚାପ ଖେଳାଯାଉଛି।

# ସୁନ୍ଦରାକାଣ୍ଡ ପାରାୟଣ



ସୁଶ୍ରୀ ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପାରାୟଣ ପାଠ କରୁଛନ୍ତି।

**ଆଠମଲ୍ଲିକ,୧୭।୫(ଡି.ଏନ.ଏ.)**

ଆଠମଲ୍ଲିକ ଏନ୍‌ଏସିର ୪ ନମ୍ବର ୱାର୍ଡ ହିଣ୍ଡଳ ସାହିରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ କମିଟି ଦ୍ୱାରା ସାହି କୋଠ ଘରେ ବର୍ଷ ତମାମ ପ୍ରତି ରବିବାର ଅନୁଷ୍ଠିତ ତ୍ରିନାଥ ମେଳର ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁଶ୍ରୀ ବନ୍ଦିତା ନାୟକଙ୍କ ନେତୃତ୍ୱରେ ବାଦ୍ୟକାର ଅଶୋକ ବାଘ, ଟଙ୍କଧର ଭୋଇ, ଭୂଦେବା ଭୋଇ ଓ ରୋହିତ ମହାକୁଡ଼ ସୁନ୍ଦରାକାଣ୍ଡ ପାରାୟଣ ପାଠ ସହିତ ସମ୍ବଲପୁରୀ ଭଜନ ଗାନ କରିଥିଲେ। ଗ୍ରାମ କମିଟି ସଭାପତି ଅବଧୂତ ଖେତିଙ୍କ ନେତୃତ୍ୱରେ ଗ୍ରାମରେ ସଂକୀର୍ତନ ମଣ୍ଡଳୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚିତ୍ରକର ମାନସ କର୍ଣ୍ଣ, ଉଦିତ ମହାକୁଡ଼, ଦୁର୍ଯ୍ୟୋଧନ ନାୟକ ମଞ୍ଚ ସଜା ପରିଚାଳନା କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଜିଲା କାର୍ଯ୍ୟାଳୟ, ଚିକିତ୍ସାଳୟରେ ଯାଞ୍ଚ

**ଅନୁଗୋଳ ଅଫିସ, ୧୭।୫**

ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲାରେ ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର ଅଡିଟ୍ ଜାରି ରହିଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟରେ ଏହି ଅଗ୍ନି ନିରାପତ୍ତା ତଦାରଖ କରାଯାଉଛି। ମଙ୍ଗଳବାର ଅନୁଗୋଳ ଅଗ୍ନିଶମ ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଯାଞ୍ଚ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାୟାର ଅଡିଟ୍ କଡ଼ାକଡ଼ି ଭାବେ କରାଯାଇଥିଲା। ମେଡିକାଲରେ ଲାଗିଥିବା ଆଲାରମ୍ କାର୍ଯ୍ୟ କରୁଛି କି ନାହିଁ, ପାଇପ୍‌ରେ ପାଣି ଆସୁଛି କି ନାହିଁ, ସିଲିଣ୍ଡରେ ଗ୍ୟାସ୍ ଅଛି କି ନାହିଁ ଓ ଅଘଟଣ ଘଟିଥିଲେ କିପରି ସୁରକ୍ଷିତ ଉଦ୍ଧାର କରାଯାଇପାରିବ ସେ ନେଇ ଅନୁଧ୍ୟାନ କରାଯାଇଥିଲା। ବିଭିନ୍ନ ସାମଗ୍ରୀର ପ୍ରାକ୍ଟିକାଲ ମଧ୍ୟ କରାଯାଇଥିଲା। ମୋଟାମୋଟି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଥିବା ଜଣାପଡ଼ିଥିଲା। କିନ୍ତୁ ଯେଉଁ ଛୋଟ ସମସ୍ୟା ରହିଛି, ତାହା ସୁଧାରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଡିଟ୍ ସମୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲେ ମଧ୍ୟ ପ୍ରମାଣପତ୍ର ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ତୁରନ୍ତ ଏ ନେଇ ଆବେଦନ କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଜିଲା କାର୍ଯ୍ୟାଳୟରେ କାହିଁକି ଅନ୍ୟ ନିରାପତ୍ତା ବ୍ୟବସ୍ଥାର ତଦାରଖ କରାଗଲା ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ତଦାରଖରେ ସୁକାନ୍ତ ନାଥ, ସଞ୍ଜିତ କୁମାର ସାମନ୍ତ ରାୟ, କ୍ଷୀରୋଦ ପ୍ରସାଦ ସାହୁ, ରଶ୍ମିରଞ୍ଜନ ଲେଙ୍କା ପ୍ରମୁଖ ସାମିଲ ଥିଲେ।


ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

# ହାଇକୋର୍ଟ ଆଦେଶର ଅବମାନନାକୁ ନିନ୍ଦା

**ତାଳଚେର,୧୭।୫(ନି.ପ୍ର.)**

ତାଳଚେର ଓକିଲ ସଂଘର ମଧୁବାବୁ ସମ୍ମିଳନୀ କକ୍ଷରେ ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘ ସଦସ୍ୟ ସୁବ୍ରତ କୁମାର ମହାପାତ୍ରଙ୍କ ଉପରେ କୋଲିୟରୀ ଥାନା ଆଇଆଇସିଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା ହୋଇଥିଲା। ଏଥିସହ ହାଇକୋର୍ଟଙ୍କ ଆଦେଶ ଅବମାନନା କରାଯାଇଥିବାରୁ ତାହାକୁ ନିନ୍ଦା କରାଯାଇଥିଲା।

ସଂଘ ପକ୍ଷରୁ କୁହାଯାଇଛି, ଓକିଲ ସୁବ୍ରତ କୁମାର ମହାପାତ୍ରଙ୍କ ନାମରେ ଦିଆଯାଇଥିବା ଏକ ଏତଲାକୁ ଭିତ୍ତିକରି ପୋଲିସ ନଂ୭/୨୨ରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ସୁବ୍ରତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଗ୍ରିମ ଜାମିନ୍ ପାଇଥିଲେ। ଉକ୍ତ ଅର୍ଡରକୁ ଉପରୋକ୍ତ ମାମଲାର ତଦନ୍ତ ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କୁ କୋଲିୟାରୀ ଆଇଆଇସି ରାଜେନ୍ଦ୍ର ପଟ୍ଟନାୟକଙ୍କ ମାଧ୍ୟମରେ ଦେଇଥିଲେ। କିନ୍ତୁ ଆଇଆଇସି ଉକ୍ତ ଅର୍ଡରକୁ ଗ୍ରହଣ କରି କାହିଁକି ହାଇକୋର୍ଟରୁ ଜାମିନ୍ ଆଣିଲ ଓ କେସ୍ ଫାଇନାଲ୍ ରିପୋର୍ଟ ହେବ ବୋଲି କହିଥିଲେ। ଏହାପରେ ଗତ ୩ ତାରିଖରେ ତଦନ୍ତ ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଓକିଲ ସୁବ୍ରତ କୁମାରଙ୍କୁ ଥାନାକୁ ଡାକି ନୋଟିସ୍ ଦେଇଥିଲେ। ଗତ ୧୪ ତାରିଖ ରାତିରେ ଆଇଆଇସି, ତଦନ୍ତକାରୀ ଅଧିକାରୀ ସୁବ୍ରତଙ୍କୁ ଥାନାକୁ ଆଣି ୩ ଘଣ୍ଟା ବସାଇ ପୁଣି ନୋଟିସ୍ ଦେଇ ଥାନାରୁ ଛାଡିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଏପରି ବେଖାତିର କରାଯିବାକୁ ଓକିଲ ସଂଘ ତରଫରୁ ଘୋର ନିନ୍ଦା କରାଯାଇଥିଲା। ପୋଲିସ୍‌ର ଏପରି ଦମନଲୀଳା ବିରୋଧରେ ସଂଘ ତରଫରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ୫-ଟି ସଚିବ, ଡିଆଇଜି ପୋଲିସ୍, ଜିଲା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତେବେ ଘଟଣା ସମ୍ପର୍କରେ ଆଇଆଇସି ରାଜେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି, ଆମେ ତାଙ୍କୁ ଓକିଲ ବୋଲି ଜାଣି ନ ଥିଲୁ କି କୌଣସି ଦୁର୍ବ୍ୟବହାର କରି ନାହୁଁ।

# ତୁକୁଡ଼ାରେ ବୈଶାଖ ପୂର୍ଣ୍ଣିମା ଉତ୍ସବ

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମରେ ବୈଶାଖପୂର୍ଣ୍ଣିମା ଉତ୍ସବ ଗ୍ରାମର ଜଗାବଳିଆ ସଂକୀର୍ତ୍ତନ ମଣ୍ଡଳୀ କୋଠଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଜଗାବଳିଆ ସଂକୀର୍ତ୍ତନ ମଣ୍ଡଳୀ ଓ ଉତ୍କଳ ସେବା ସଂସଦ ମିଳିତ ସହଯୋଗରେ ଏହା ପାଳିତ ହୋଇଥିଲା। କରୋନା ମହାମାରୀ ପାଇଁ ଏହି ଉତ୍ସବ ଗତ ୨ବର୍ଷ ହେଲା ବନ୍ଦ ରହିଥିବାବେଳେ ଚଳିତ ବର୍ଷ ଏହି ଉତ୍ସବର ଆୟୋଜନ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଫଳରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମ ସଭାପତି ବୀରେନ କୁମାର ସାହୁ, ଜଗାବଳିଆ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ହେମନ୍ତ ସାହୁ ଓ ମ୍ୟାନେଜର ପ୍ରମୋଦ ସାହୁ, ଉତ୍କଳ ସେବା ସଂସଦ ସଭାପତି ଦିଲୀପ କୁମାର ସାହୁ ଓ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏହି ଉତ୍ସବ ଶାନ୍ତଶୃଙ୍ଖଳାର ସହ ପରିଚାଳିତ ହୋଇଥିଲ।


ଉତ୍ସବ ଅବସରରେ ପୂଜାର୍ଚ୍ଚନା ଚାଲିଛି।

# ଏଫ୍‌ସିଆଇ ନୋଟିସକୁ ବିରୋଧ

**ତାଳଚେର,୧୭।୫(ନି.ପ୍ର.)**


ପ୍ରଶାସନକୁ ଅଭିଯୋଗ କରିବାକୁ ଆସିଥିବା ଭୂମିହୀନ ପରିବାର।

ତାଳଚେର ବ୍ଲକ ଘଣ୍ଟପଡା ପଞ୍ଚାୟତରେ ଥିବା ଏଫ୍‌ସିଆଇ ଜମି ଉପରେ ଦୀର୍ଘଦିନ ହେବ ବସବାସ କରୁଥିବା ଭୂମିହୀନ ପରିବାରଗୁଡ଼ିକୁ ତୁରନ୍ତ ସେଠାରୁ ହଟିଯିବାକୁ ନୋଟିସ କରାଯାଇଛି। ୧୫ ଦିନ ମଧ୍ୟରେ ଜାଗା ଖାଲି କରିବାକୁ ନୋଟିସ ମିଳିଥିବାରୁ ଏ ନେଇ ସମ୍ପୃକ୍ତ ଭୂମିହୀନ ଲୋକମାନଙ୍କ ଚିନ୍ତା ବଢ଼ିଯାଇଛି। ଏ ନେଇ ମଙ୍ଗଳବାର ହିତାଧିକାରୀମାନେ ଉପଜିଲାପାଳଙ୍କ ସହ ଆଲୋଚନା କରିବା ସହିତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଏଫ୍‌ସିଆଇର ପୁନରୁଦ୍ଧାର ନିମନ୍ତେ ଏଫ୍‌ସିଆଇଏଲ୍ ତାଳଚେର ତହସିଲ୍ ଜରିଆରେ ଗତ ନଭେମ୍ବର ୨୯ରେ ଜବରଦଖଲକାରୀଙ୍କୁ ଜମି ଉପରୁ ହଟିବା ପାଇଁ ଚିଠି ଦେଇଥିଲେ। ତେବେ ଏହାପୂର୍ବରୁ ଘଣ୍ଟପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ସରୋଜିନୀ ବେହେରା ଏହି ଭୂମିହୀନ ଗରିବ ପରିବାରଗୁଡ଼ିକୁ ସରକାରଙ୍କ ଜନହିତକାର ବସୁନ୍ଧରା ଯୋଜନାରୁ ବଞ୍ଚିତ କରାଯାଇଛି ବୋଲି ସ୍ଥାନୀୟ ପ୍ରଶାସନ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ସେହିପରି ତାଳଚେର ଜନବିକାଶ କଲ୍ୟାଣ ସଂଘ ଗତ ନଭେମ୍ବର ୧୨ ତାରିଖରେ ହିତାଧିକାରୀଙ୍କୁ ଧରି ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଭିନ୍ନ ଭିନ୍ନ ସମୟରେ ଦୁଇ ଦୁଇ ଥର ସ୍ଥାନୀୟ ପ୍ରଶାସନ ଓ ତାଳଚେର ତହସିଲଦାରଙ୍କୁ ଜଣାଯାଇଥିଲେ ମଧ୍ୟ ଉକ୍ତ ସମସ୍ୟାକୁ ଗୁରୁତର ସହ ନ ନେବା ହେତୁ ଏଫ୍‌ସିଆଇଏଲ୍ ପକ୍ଷରୁ ଗତ ୧୦ ତାରିଖରେ ପୁନର୍ବାର ନୋଟିସ୍ କରାଯାଇଥିବା ଭୂମିହୀନ ପରିବାର ଲୋକେ ପ୍ରଶାସନକୁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଅନୁଷ୍ଠାନ ସଭାପତି ଭୂପେନ୍ ଥମ୍ବଙ୍କ ସମେତ ଦ୍ରୁମଦ ପ୍ରଧାନ, ସରୋଜ ଧର, ଜିତେନ୍ଦ୍ର ମହାପାତ୍ର, ରିତେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ‘ଭୀମ ଭୋଇ ଥିଲେ ପ୍ରକୃତ ସମାଜ ସଂସ୍କାରକ’

**ଅନୁଗୋଳ ଅଫିସ,୧୭।୫**

ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ମହିମା ଧାମଠାରେ ଅଲେଖ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ମିଳିତ ଆନୁକୂଲ୍ୟରେ ସନ୍ଥକବି ଭୀମ ଭୋଇଙ୍କ ୧୭୪ ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଅଲେଖ ମହିମା ଧାମ ପରିଚାଳନା କମିଟି ସଭାପତି ଲୋକନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭୀମ ଭୋଇଙ୍କୁ ଜଣେ ପ୍ରକୃତ ସମାଜ ସଂସ୍କାରକ ଭାବେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟସ୍ତରରେ ଭୀମ ଭୋଇଙ୍କ ଜୀବନୀ ଓ ସାହିତ୍ୟକୁ ବିଭିନ୍ନ ସେମିନାର ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଗଲେ, ଏହା ସେମାନଙ୍କ ଚରିତ୍ର ଗଠନରେ ସହଯୋଗ କରନ୍ତା ବୋଲି ଉପବାଚସ୍ପତି ମତ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଙ୍ଗାରବନ୍ଧ ଧାମର ପାରିପାର୍ଶ୍ୱିକ ଉନ୍ନତିରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ଅନ୍ୟତମ ବକ୍ତା ଭାବେ ଲେଖକ, କଳାକାର ଓ ଉପସ୍ଥାପକ ଶରଣାରବିନ୍ଦ ଓଝା ଯୋଗଦେଇ ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ଉପରେ କିଛି ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଅଙ୍ଗାରବନ୍ଧ ଧାମର ପରିଚାଳକ ବାବା ମୁରଲୀଧର ଦାସ ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ସଭାପତି ଗୋପାଳ ଚନ୍ଦ୍ର ନାଥ, ଧାମ ପରିଚାଳନା କମିଟି ସଭାପତି , ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ସାମାଜିକ ଉନ୍ନୟନ ପରିଷଦର ସାଙ୍ଗଠନିକ ସମ୍ପାଦକ ବିଜ୍ଞାନୀ ବେହେରା ବିବରଣୀ ପାଠ କରିଥିଲେ। ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

